## ସଂକ୍ଷେପରେ

### ଗୁଣପୁର କଲେଜରେ ନୂତନ ଅଧ୍ୟକ୍ଷ

ଗୁଣପୁର,୧୭(ଡି.ଏନ୍.ଏ.)– ରାୟଗଡ଼ା ଜିଲା ଗୁଣପୁର କଲେଜ ପଦାର୍ଥ ବିଜ୍ଞାନର ମୁଖ୍ୟ ସୂର୍ଯ୍ୟନାରାୟଣ ପଣ୍ଡା ଅଧ୍ୟକ୍ଷ ହୋଇଛନ୍ତି। ସେ ଏହି ଦାୟିତ୍ୱ ବିଦାୟୀ ଅଧ୍ୟକ୍ଷ ବାମଦେବ ମିଶ୍ରଙ୍କଠାରୁ ଗ୍ରହଣ କରିଛନ୍ତି। ଏଥିଲାଗି କଲେଜ ପରିସରରେ ଗୁରୁବାର ଅବସର ଗ୍ରହଣ ଏବଂ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ରାମଚନ୍ଦ୍ର ପଣ୍ଡା, ଶଶିଭୂଷଣ ମହାନ୍ତିଙ୍କ ସମେତ ଅନ୍ୟ ଅଧ୍ୟାପିକା ଏବଂ ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଜୁନ୍ ୨୬ ରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ନୂତନ ବିଜ୍ଞପ୍ତି ପ୍ରକାରେ ଚାକିରି କାଳ ୧୮ ମାସରୁ ଉର୍ଦ୍ଧ୍ୱ ରହିଥିଲେ ସେମାନେ ଅଧ୍ୟକ୍ଷ ହୋଇପାରିବେ। ଏଥିପାଇଁ ରାମଚନ୍ଦ୍ର ପଣ୍ଡା, ନୀଳମାଧବ ଦାସ, ଜି. ମହେଶ୍ୱର ରାଓ ଏବଂ ନିରଞ୍ଜନ ଚାନ୍ଦ, ଜବାହରଲାଲ ଚୌଧୁରୀ ପ୍ରମୁଖ ବରିଷ୍ଠ ଅଧ୍ୟାପକମାନେ ରହିଥିଲେ ମଧ୍ୟ ସୂର୍ଯ୍ୟନାରାୟଣ ପଣ୍ଡା ଅଧ୍ୟକ୍ଷ ହୋଇଛନ୍ତି।

### ବୈପାରିଗୁଡାରେ ବନ ମହୋତ୍ସବ

ବୈପାରିଗୁଡା,୧୭ (ଡି.ଏନ୍.ଏ.)

ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଗୁପ୍ତେଶ୍ୱର ବନାଞ୍ଚଳ ପକ୍ଷରୁ ୭୩ତମ ବନ ମହୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ କାନ୍ଦୁଲିବେଢ଼ା ଆବାସିକ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ବୃକ୍ଷ ରୋପଣ କରାଯାଇଥିଲା। ପରେ ବିଦ୍ୟାଳୟ



ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ସଭା ହୋଇଥିଲେ। ଏଥିରେ ଜୟପୁର ବନଖଣ୍ଡର ସହକାରୀ ବନ ସଂରକ୍ଷକ ସୁବାସ ଚନ୍ଦ୍ର ଖୁଣ୍ଟିଆ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ଗୁପ୍ତା, ବିଏସ୍ଏଫ୍ ଡେପୁଟି କମାଣ୍ଡାଣ୍ଟ ଅଂଶୁଲ୍ କୁମାର ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମଗିରି ବିଏସ୍ଏଫ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ଜିଲା ପରିଷଦ ସଭ୍ୟ ରାଜେଶ ମହୁରିଆ ରାମଗିରି ସରପଞ୍ଚ କୁମନ ମୁଦୁଲି, ସରପଞ୍ଚ ଯୁଗଳ ମାଝି ,ଗୁପ୍ତେଶ୍ୱର ସରପଞ୍ଚ ପଦ୍ମା ଦୁରୁଆ, ସମିତିସଭ୍ୟ ବିଭିଷଣ ହନ୍ତାଳ ପ୍ରମୁଖ ଯୋଗ ଦେଇଥିଲେ। ବନାଞ୍ଚଳ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡାଇ ପରିଚାଳନା କରଥିଲେ। ବନପାଳ ଚୈତନ୍ୟ ତନ୍ତି, ଗଦାଧର ଚୌଧୁରୀ, ବନରକ୍ଷୀ ଶ୍ରୀନିବାସ ରାଓ ସହଯୋଗ କରିଥିଲେ।

# ଆରମ୍ଭ ହେଲା ବିକ୍ରମଦେବ ମହାବିଦ୍ୟାଳୟର ପ୍ଲାଟିନମ ଜୁବିଲି

- ନାଚ, ଗୀତରେ କମ୍ପିଲା ଜୟପୁର
- ୨ କୋଟି ଟଙ୍କା ବ୍ୟୟରେ ହେବ ଅଡିଟୋରିୟମ
- ବିଶ୍ୱବିଦ୍ୟାଳୟ ମାନ୍ୟତା ନେଇ ଜୋର ଧରିଲା ଦାବି

ଜୟପୁର,୧୭(ନି.ପ୍ର.)

ବିକ୍ରମଦେବ ମହାବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଉତ୍ସବ ପ୍ଲାଟିନମ ଜୁବିଲି ମହୋତ୍ସବ ଶୁକ୍ରବାର ଆରମ୍ଭ ହୋଇଛି। ପୂର୍ବତନ ଛାତ୍ରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ରଜାନହରସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' କନକ ଦୁର୍ଗାଙ୍କ ନିକଟରେ ପୂଜାର୍ଚ୍ଚନାକରି ମନ୍ଦିରରୁ ମଶାଲ ବାହାରିଥିଲା। ସେଠାରୁ ଜୁବିଲି ପାଳନ କମିଟି ଅଧ୍ୟକ୍ଷ ତାରାପ୍ରସାଦ ବାହିନୀପତିଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ମଶାଲ ଧରି



ଉତ୍ସବରେ ଉପସ୍ଥିତ ଅତିଥି।



ମଶାଲ ଶୋଭାଯାତ୍ରା ବେଳେ ମହିଳାମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି ।

ମନ୍ଦିରରୁ ବାହାରି କଲେଜରେ ପହଞ୍ଚିବା ପରେ ମଶାଲକୁ ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତି ନିକଟରେ ସ୍ଥାପନ କରାଯାଇଥିଲା। ଶୋଭାଯାତ୍ରାରେ ଜିଲାର ପାରମ୍ପରିକ ବାଦ୍ୟ, ଆଦିବାସୀ ନାଚ ଦୁରୁଆ, ଡିଂଯୋଡ଼ି, ଢେମସା ଆଦି ନାଚ ସହ ଆଧୁନିକ ବାଦ୍ୟ, ନାଚଗୀତରେ ସହର ମୁଖରିତ ହୋଇଥିଲା। ଏହି ଅବସରରେ ବାହିନୀପତି ସମସ୍ତ ଅତିଥିଙ୍କୁ ସ୍ୱାଗତକରି ଉକ୍ତ କଲେଜକୁ ବିଶ୍ୱବିଦ୍ୟାଳୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ମୁଖ୍ୟ ଅତିଥି ଉଚ୍ଚଶିକ୍ଷା ମନ୍ତ୍ରୀ ପୂଜାରୀ ବିକ୍ରମଦେବ କଲେଜକୁ ବିଶ୍ୱବିଦ୍ୟାଳୟ କରିବା ନେଇ ଦାବି ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଧାୟକ ବାହିନୀପତି ବିକ୍ରମ ଦେବଙ୍କ ଇତିହାସ ଗବେଷଣା ପାଇଁ କଲେଜ ପରିସରରେ ଏକ ଗୃହ ନିର୍ମାଣ ଲାଗି ବିଧାୟକ ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଥିଲେ। ସେ ମଧ୍ୟ ଜିଲାର ଅନ୍ୟ ୪ ବିଧାୟକଙ୍କୁ କଲେଜ ଅଡିଟୋରିୟମ କରିବା ପାଇଁ ସହଯୋଗ କରିବାକୁ ଅନୁରୋଧ କରିଥିଲେ । ତାଙ୍କ ଅନୁରୋଧ ରକ୍ଷାକରି ସମାରୋହରେ ଉପସ୍ଥିତ ଥିବା ୪ ବିଧାୟକ ୨ କୋଟି ଟଙ୍କା ବିନିମୟରେ ୭୫୦ ସିଟ୍ ବିଶିଷ୍ଟ ଏକ ଅଡିଟୋରିୟମ କରିବା ନିମନ୍ତେ ଘୋଷଣା କରିଥିଲେ। କଲେଜ ଅଧ୍ୟକ୍ଷ ଗୋପାଳ ହାଲ୍‌ଦାର କଲେଜର ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ଅବଦୁଲ୍ଲ ମହମ୍ମଦ ଅଖତର, ଡିଆଇଜି ରାଜେଶ ପଣ୍ଡିତ, ବିହନ ନିଗମ ପୂର୍ବତନ ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ, କୋରାପୁଟ ବିଧାୟକ ରଘୁରାମ ପାଡାଲ, କୋଟପାଡ ବିଧାୟକ ପଦ୍ମିନୀ ଦିଆନ, ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ, ପୂର୍ବତନ ବିଧାୟକ ଚନ୍ଦ୍ରଶେଖର ମାଝି, ପୂର୍ବତନ ଏମ୍‌ପି ଝିନ୍ ହିକ୍କା, ପ୍ରଦୀପ ମାଝି, ପର୍ଶୁରାମ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବଠାରୁ ୨୦୨୨ ଡିସେମ୍ବର ୧୧ ଯାଏ ବିଭିନ୍ନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ପରେ ୪ ଦିନ ମୁଖ୍ୟ ଉତ୍ସବ ପାଳନ କରାଯାଇ ପ୍ଲାଟିନମ ଜୁବିଲି ଉଦ୍‌ଯାପିତ ହେବ। ସୂଚନାଯୋଗ୍ୟ, ଆଗାମୀ ଦିନରେ ଅବିଭକ୍ତ କୋରାପୁଟ ଜିଲାର ୫୮ଟି କଲେଜର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, କ୍ରିକେଟ ଟର୍ଣ୍ଣାମେଣ୍ଟ , ଆଥ୍‌ଲେଟିକ ମିଟ୍ ହେବ। ପୂର୍ବତନ ଛାତ୍ରଙ୍କ ମଧ୍ୟରେ ପାରିବାରିକ ଖେଳ ଡିବେଟ, ଗୀତ,ନୃତ୍ୟ, ମ୍ୟୁଜିକାଲ ଚେୟାର, କ୍ରୀଡ଼ା, ନୃତ୍ୟ ସଙ୍ଗୀତ ଝୋଟି, ପିଠା ଆଦି ପ୍ରତିଯୋଗିତା ହେବ। ବିଜ୍ଞାନମେଳା, ରକ୍ତଦାନ ଶିବିର ସହ ସ୍ୱାସ୍ଥ୍ୟ ସେବା ଶିବିର ହେବ। ମୁଖ୍ୟ ଉତ୍ସବରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଓ ରାଜ୍ୟର ମନ୍ତ୍ରୀମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ବିଜି ରାୟ ଜେନା ଦେଓ, ଉପ ସଭାପତି ସୁଧାକର ପଟ୍ଟନାୟକ,ଏଲଟି ଜେନେରାଲ ନାରାୟଣ ମହାନ୍ତି, ହିମାଂଶୁ ମହାପାତ୍ର, ସନ୍ତୋଷ ସାହୁ, କୁନି ଅଧିକାରୀ, ନିରଞ୍ଜନ ପାଣିଗ୍ରାହୀ. ଶଙ୍କର ପ୍ରହରାଜ ପ୍ରମୁଖ ଉପସ୍ଥିତ ଥିଲେ ।

# ସାମୂହିକ ଆଚାର୍ଯ୍ୟ କର୍ମଶାଳା ଉଦ୍‌ଯାପିତ

ଜୟପୁର/ସୁନାବେଡା,୧୭(ନି.ପ୍ର./ସ୍ୱ.ପ୍ର.)

ଜୟପୁର ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଚାଲିଥିବା ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଗତ ୨୭ରୁ ଆରମ୍ଭ ହୋଇଥିବା ଏହି ୪ ଦିନିଆ କାର୍ଯ୍ୟକ୍ରମରେ ଲମତାପୁଟ, କୁନ୍ଦୁରା, ବୈପାରିଗୁଡା, ଆମ୍ବାଗୁଡ଼ା, ବୋରିଗୁମ୍ମା, କୋଟପାଡ଼, କୁମୁଲି, ଶାରଦା ବିହାର ଓ ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରୁ ୧୩୦ ଜଣ ଆଚାର୍ଯ୍ୟା ଆଚାର୍ଯ୍ୟମାନେ ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବରେ ଡ. ଗଙ୍ଗାଧର ନନ୍ଦ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ମାର୍ଗଦର୍ଶନ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ହରିହର ସୁଧାକର ପଟ୍ଟନାୟକ ମୁଖ୍ୟବକ୍ତା ରୂପେ ଯୋଗଦେଇ ଆଚାର୍ଯ୍ୟମାନେ କିପରି ରାଷ୍ଟ୍ରର ନିର୍ମାତା ହୋଇପାରିବେ ସେନେଇ ଗୁରୁତ୍ୱାରୋପ କରି ମତ ରଖିଥିଲେ। ସମ୍ମାନିତ ଅତିଥି ରୂପେ ସଙ୍କୁଳ ପ୍ରମୁଖ ହେମନ୍ତ ଚାନ୍ଦ, ଦକ୍ଷିଣ ସମ୍ଭାଗ କୋଷାଧ୍ୟକ୍ଷ ଭରତ ଚନ୍ଦ୍ର ବରାଳ, ସମ୍ଭାଗ ସମିତି ସଦସ୍ୟା କବିତା ସାହୁ ଉପସ୍ଥିତ ଥିଲେ। କର୍ମଶାଳାରେ ଜାତୀୟ ଶିକ୍ଷାନୀତି ଆଧାରରେ ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ ଆଚାର୍ଯ୍ୟା ଆଚାର୍ଯ୍ୟମାନଙ୍କୁ ପ୍ରଶିକ୍ଷଣ ମିଳିଥିଲା। ରତିକାନ୍ତ ବେହେରା, ଆନନ୍ଦ ଚନ୍ଦ୍ର ଓଝା, ଗୌରାଙ୍ଗ ପାଣିଗ୍ରାହୀ ପରିଚାଳନା କରିଥିଲେ। ସଙ୍କୁଳ ସଂଯୋଜକ ଲକ୍ଷ୍ମୀକାନ୍ତ ମିଶ୍ର ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ କୃଷ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଦେଇଥିଲେ।









# ସବ୍‌ଟ୍ରେଜରିର ନୂତନ କୋଠା ଉଦ୍‌ଘାଟିତ

ଉମରକୋଟ, ୧୭(ସ୍ୱ.ପ୍ର.)

ରଥଯାତ୍ରା ଉପଲକ୍ଷେ ଉମରକୋଟ ସବ ଟ୍ରେଜରୀର ନୂତନ କୋଠ ଉଦ୍‌ଘାଟନ କରାଯାଇଛି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ଟ୍ରେଜେରି ଅଫିସର୍ ଶିବଚରଣ ନାୟକ ପୌରାଧ୍ୟକ୍ଷା ରାଧା ଭତ୍ରା ଯୋଗଦେଇଥିଲେ। ୨୫ ବର୍ଷରୁ ଉର୍ଦ୍ଧ୍ୱ



ହେବ ପୁରାତନ କୋର୍ଟ ନିକଟରେ ଏହି ଟ୍ରେଜେରି ଚାଲୁଥିଲା। ୨୦୧୭ ମସିହାରେ ୫୬ଲକ୍ଷ ବ୍ୟୟ ଅଟକଳରେ ଟ୍ରେଜେରୀ ଗୃହ କାର୍ଯ୍ୟ ଆରମ୍ଭ ହୋଇ ୨୦୨୦ରେ ସମ୍ପୂର୍ଣ୍ଣ ହୋଇଥିଲା। ନୂତନ କୋଠା ଉଦଘାଟନ କାର୍ଯ୍ୟକ୍ରମକୁ ସବ ଟ୍ରେଜେରି ଅଫିସର କବିତା ଭତ୍ରା ପରିଚାଳନା କରିଥିଲେ।












# ଡାବୁଗାଁରେ ବନ ମହୋତ୍ସବ

ଡାବୁଗାଁ, ୧୭ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାରେ ଡାବୁଗାଁ ବନ ବିଭାଗ ପକ୍ଷରୁ ୭୩ ତମ ବନ ମହୋତ୍ସବ ସପ୍ତାହ ପାଳନର ପ୍ରଥମ ଦିନରେ ଅଗ୍ନିଶମ କେନ୍ଦ୍ର ପରିସରରେ ଶୁକ୍ରବାର ଚାରାରୋପଣ କରାଯାଇଛି। ଏଠାରେ ପ୍ରାୟ ୧୦୦ ଆମ୍ବ, ଓଉ, ପିଜୁଳି, ପଣସ, ବରକୋଳି, ବେଲ, ଚମ୍ପା, ଅମୃତଭଣ୍ଡା, ସଜନା ଆଦି ଚାରା ଲଗାଯାଇଛି। ଏଥିରେ ଅଗ୍ନିଶମ କେନ୍ଦ୍ର ଅଧିକାରୀ ଭାଗୀରଥି ବାଣୁଆ, ଡାବୁଗାଁ ଭାରପ୍ରାପ୍ତ ବନପାଳ ପ୍ରକାଶ ସରକାର, ଅଗ୍ନିଶମ ହାବିଲଦାର ମଙ୍ଗଳଦାନ ହିକ୍କା ଓ ଉପେନ୍ଦ୍ର କୁମାର ମହାରଣା, ବନରକ୍ଷୀ ମନୋରଞ୍ଜନ ନାୟକ, କାର୍ତ୍ତିକ ମାଝି, ଉମାଶଙ୍କର ମିଶ୍ର, ରୀତାରାଣୀ ବିଶ୍ୱାସରାୟ ଓ ସରସ୍ୱତୀ ମେହେର, ଆଗ୍ନିକ ହିରୋଜ କୁମାର ବେହେରା, ହେମନ୍ତ ମାଝି, ମଳୟ କୁମାର ନାୟକ, ହେମନ୍ତ ନାୟକ, ମାନସିଂ ଶବର ଓ ଜନ୍ମେୟ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।



ଅଗ୍ନିଶମ କେନ୍ଦ୍ରରେ ଗଛ ଲଗାଯାଉଛି ।









# ସଙ୍କୁଳସ୍ତରୀୟ ଆଚାର୍ଯ୍ୟା ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର

ଗୁଣପୁର,୧୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ୩ଦିନ ଧରି ଚାଲିଥିବା ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟା ଆଚାର୍ଯ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗୁଣପୁର ଏବଂ ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଆଚାର୍ଯ୍ୟା ଆଚାର୍ଯ୍ୟମାନେ ଏଥିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଗଜପତି ଜିଲା ପ୍ରମୁଖ ପ୍ରସାଦ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁ ମନ୍ଦିରର ଯୋଜନା ଓ ଏହାର ଆଦର୍ଶ ବିଷୟରେ ଆଲୋକପାତ କରିଥିଲେ। ଗୁଣପୁର ଏବିଇଓ ଲକ୍ଷ୍ମୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ତଥା ସଙ୍କୁଳ ସଂଯୋଜକ ପ୍ରଫୁଲ୍ଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଚାଳନା କମିଟିର ସଭାପତି ବି.ଲକ୍ଷ୍ମୀନାରାୟଣ, ସମ୍ପାଦକ ସୋମନାଥ ଗୌଡ଼, ଗୁଣପୁର ସଙ୍କୁଳ ପ୍ରମୁଖ ଜଗନ୍ନାଥ ପଟ୍ଟନାୟକ, ପାରଳାଖେମୁଣ୍ଡିର ସଙ୍କୁଳ ସଂଯୋଜକ ତଥା ପ୍ରଧାନ ଆଚାର୍ଯ୍ୟ ସରୋଜ ପଣ୍ଡା ଉପସ୍ଥିତ ଥିଲେ। ଶିଶୁ ମନ୍ଦିରର ଶିକ୍ଷା ପଦ୍ଧତି ଏବଂ ଶିକ୍ଷା ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ଗୁଣପୁର ଏବଂ ପାରଳାଖେମୁଣ୍ଡିର ୧୧୦ ଆଚାର୍ଯ୍ୟା, ଆଚାର୍ଯ୍ୟ ଏହି କର୍ମଶାଳାରେ ଯୋଗଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲା ପ୍ରମୁଖ ଆନନ୍ଦ ପ୍ରସାଦ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆର୍‌ଏସ୍‌ଏସ୍‌ର ଜିଲା କାର୍ଯ୍ୟବାହ ଦିଲୀପ ପଣ୍ଡା, ପରିଚାଳନା ସମିତିର ଉପସଭାପତି ମୀନକେତନ ପଣ୍ଡା, କୋଷାଧ୍ୟକ୍ଷ ପି. ଗୋବିନ୍ଦ ରାଓ, ସଦସ୍ୟା ପ୍ରତିଭା ରଥ ପ୍ରମୁଖ ଯୋଗଦେଇଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଆଚାର୍ଯ୍ୟା ଆଚାର୍ଯ୍ୟ।







## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ



ଜୟପୁର, ୧୭ (ନି.ପ୍ର.)- ଜୟପୁର ସଦର ଥାନା ପୋଲିସ ଜଣେ ଫେରାର ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି । ସେ ହେଲେ କଳାଗୁଡା ଗ୍ରାମର ଦେବେନ୍ଦ୍ର ହିଆଲ। ସେ ୨୦୧୪ରେ ଏକ ଡକାୟତି ମାମଲାରେ ଜଡିତ ଥିଲେ। ସେବେଠାରୁ ସେ ଫେରାର ଥିଲେ। ଗ୍ରାମରେ ଥିବା ସୂଚନା ପାଇ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି ।

### ରଥଯାତ୍ରାରେ ମୁକ୍ତିଲାଭ କଲା ଭଜନ ଚନ୍ଦନ ମହକ



ଚନ୍ଦାହାଣ୍ଡି,୧୭ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦଣ୍ଡାମୁଣ୍ଡା ଜଗନ୍ନାଥ ମନ୍ଦିରରେ ପବିତ୍ର ରଥଯାତ୍ରା ଉପଲକ୍ଷେ ପାନବେଡ଼ା ଫିଲ୍ମ ଷ୍ଟୁଡିଓ ଚ୍ୟାନେଲ ଆନୁକୂଲ୍ୟରେ ନିର୍ମିତ ଜଗନ୍ନାଥ ଭଜନ ଚନ୍ଦନ ମହକ ଶୁଭମୁକ୍ତି ଲାଭ କରିଛି। ଅନୀଲ ଖମାରୀ କଣ୍ଠଦାନ କରିଥିବାବେଳେ ଗୀତ ଓ ସଙ୍ଗୀତରେ ପ୍ରସାଦ ଦଣ୍ଡସେନା ଅଛନ୍ତି। କୈବଲ୍ୟ ସାହୁ ଉକ୍ତ ଭଜନରେ ଅଭିନୟ କରିଥିବାବେଳେ ମନିରାମ ବିଶି ନିର୍ଦ୍ଦେଶନା ଦେଇଛନ୍ତି। ସ୍ମିଥ୍ ସାହୁ କ୍ୟାମେରା ଏବଂ ସମ୍ପାଦନା କାର୍ଯ୍ୟ ଚନ୍ଦନ କରିଛନ୍ତି। ଏହି ଗୀତ ପାଇଁ ଦଣ୍ଡମୁଣ୍ଡା ଗ୍ରାମର ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀ ସହଯୋଗ କରିଛନ୍ତି।

### ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ଚିତ୍ରକୋଣ୍ଡା,୧୭(ଡି.ଏନ.ଏ.)-ଚିତ୍ରକୋଣ୍ଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ବିଦ୍ୟାବତୀ ବିହାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ୨୦୦୫ରେ ସେ ଏହି ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ ଯୋଗଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ହନ୍ତାଳଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

### ୨ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସେମିଲିଗୁଡ଼ା/ସୁନାବେଡ଼ା,୧୭(ସ୍ୱ.ପ୍ର.)- ସେମିଲିଗୁଡ଼ା ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିପିନ ମହାରଣା ଓ ସୋରିଷପଦର ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନିମନ୍ତେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ହିସାବ ଅଧିକାରୀ ଅକ୍ଷୟ ମିଶ୍ର ସଭାପତିତ୍ୱ କରିଥିଲେ। ସଭାରେ ବ୍ଲକର ଏହି ୨ ଅଧିକାରୀଙ୍କ ଦକ୍ଷତା, ନିଷ୍ଠାପରତା ସମ୍ପର୍କରେ କର୍ମଚାରୀମାନେ ମତ ରଖିଥିଲେ। ବିଦାୟୀ ୨ ଅଧିକାରୀ ତାଙ୍କ କର୍ମମୟ ଜୀବନର ଅନୁଭୂତି ବର୍ଣ୍ଣନା କରିଥିଲେ।

### ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କାଲିମେଳା, ୧୭(ଡି.ଏନ୍.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ କଇମେଟଲା ପଞ୍ଚାୟତ କଇମେଟଲା ବିଦ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ବାରିକଙ୍କୁ ପରିଚାଳନା କମିଟି, ଗ୍ରାମବାସୀ, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଅସିତ ମିସ୍ତ୍ରି,ସିଆର୍‌ସିସି ଦୁଲାଲ ରାୟ, ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ରୀନା ପାଲ, ସଂଯୁକ୍ତା ଚୌଧୁରୀ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷକ ବାରିକ ଜଣେ ନିଷ୍ଠାପର, ପରୋପକାରୀ, ଛାତ୍ରବତ୍ସଳ ଶିକ୍ଷକ ଭାବେ ପରିଚିତ ଥିଲେ ।

# ନଦୀ ପାର ହେଲେ ମିଳୁଛି ଶିକ୍ଷା, ସ୍ୱାସ୍ଥ୍ୟସେବା

- ଖିଲମିସଗୁଡ଼ା ଗାଁରେ ଅପହଞ୍ଚ ମୌଳିକ ସୁବିଧା
- ୩ ବର୍ଷ ହେଲା ସରୁନି ପୋଲ ନିର୍ମାଣ

ରାୟଗଡ଼ା ଅଫିସ,୧୭

ସରକାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ବିକାଶ ମୂଳକ ଯୋଜନା ଅଞ୍ଚଳବାସୀଙ୍କ ନିକଟରେ ପହଞ୍ଚାଇବାକୁ ଉଦ୍ୟମ କରୁଛନ୍ତି। ହେଲେ ଅନେକ ଗାଁକୁ ମୌଳିକ ସମସ୍ୟା ଅପହଞ୍ଚ ହୋଇଛି। ରାୟଗଡ଼ା ଜିଲା ସଦର ବ୍ଲକ କେରେଡ଼ା ପଞ୍ଚାୟତ ଅନ୍ତର୍ଗତ ଖିଲମିସଗୁଡ଼ା ଗ୍ରାମରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ପୋଲ ନ ଥିବାରୁ ଗ୍ରାମବାସୀ ଜୀବନକୁ ବାଜି ଲଗାଇ ନାଗାବଳୀ ନଦୀ ପାରହୋଇ ଗାଁକୁ ଯାଉଛନ୍ତି।

ନାଗାବଳୀ ନଦୀ ଉପରେ ଏକ ପୋଲ ନିର୍ମାଣ ପାଇଁ ରାଜ୍ୟ ସରକାର ୨୦୧୯ ରେ ଅନୁମତି ଦେଇଥିଲେ। ୨୦୧୯ ମାର୍ଚ୍ଚ ୮ ରେ ଏ ନେଇ ଚୁକ୍ତି ହୋଇଥିଲା। ୨୦୨୧ ମାର୍ଚ୍ଚ ୭ ସୁଦ୍ଧା କାର୍ଯ୍ୟ ସରିବା ନେଇ ଅବଧି ରହିଥିଲା। ହେଲେ ଏ ପର୍ଯ୍ୟନ୍ତ ପୋଲ କାମ ଶେଷ ହୋଇନାହିଁ। ମାତ୍ର ୨ଟି ଛାତ ପଡ଼ି ପୋଲ କାମ ଅଧାପନ୍ତରିଆ ପଡ଼ିଛି।

୧୨ କୋଟି ଟଙ୍କା ବ୍ୟୟ ଅଟକଳରେ



ଗ୍ରାମବାସୀ ନାଗାବଳୀ ନଦୀ ପାରହୋଇ ଯାତାୟାତ କରୁଛନ୍ତି।

ହାଟ ଶେଷକାଲ ଠାରୁ ଖିଲମିସଗୁଡ଼ା ପର୍ଯ୍ୟନ୍ତ ୦.୭ କି.ମି. ରାସ୍ତାରେ ହାଇଲେଭେଲ ବ୍ରିଜ୍ ପାଇଁ ପ୍ରସ୍ତାବ ରହିଛି। ଏହି ପୋଲ ନିର୍ମାଣ ନେଇ ଟେଣ୍ଡର ହୋଇଥିଲା। ଠିକାଦାର ସିମାଞ୍ଚଳ ନିମାଲପୁରୀ ଏହାର ଦାୟିତ୍ୱ ନେଇଛନ୍ତି। ହେଲେ ପୋଲ କାମ ଅଧାରୁ ବନ୍ଦ କରାଯାଇଛି। ଏଥିଯୋଗୁ ଲୋକେ ବହୁ ସମସ୍ୟା ଭୋଗୁଛନ୍ତି। ଛାତ୍ରୀଛାତ୍ର ପାଠ ପଢ଼ିବାକୁ ଯିବାରେ ମସସ୍ୟା ହେଉଥିବାବେଳେ ରୋଗୀ ଏବଂ ଗର୍ଭବତୀଙ୍କୁ ଡାକ୍ତରଖାନା ନେବା କଷ୍ଟକର ହୋଇପଡୁଥିବା ଖିଲମିସିଗୁଡ଼ା ଗ୍ରାମର କମଳା ଚନ୍ଦ୍ର ଏବଂ ମନୋଜ କୁମାର ତାଡ଼ିଙ୍ଗି କହିଛନ୍ତି। ସରକାର ୫-ଟି ଅଧୀନରେ ସମସ୍ତ କାର୍ଯ୍ୟ ଶୀଘ୍ର କରିବା ଉପରେ ଗୁରୁତ୍ୱ ଦେଉଥିବାବେଳେ ଏଠାରେ ସମସ୍ୟା ଶୁଣିବାକୁ କେହି ନାହିଁ ବୋଲି ସେମାନେ କହିଛନ୍ତି। ଗ୍ରାମରେ ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟ ଜଳ ଭଳି ମୌଳିକ ସୁବିଧା ଗାଁରେ ନ ଥିବାରୁ ଲୋକେ ଯେ କୌଣସି କାମ ପାଇଁ ଜୀବନକୁ ବାଜି ଲଗାଇ ନଦୀ ଭିତର ଦେଇ ଯାଉଛନ୍ତି। ବର୍ଷା ଦିନରେ ସମସ୍ୟା ଦ୍ୱିଗୁଣିତ ହେଉଛି। ଏହି ଗ୍ରାମକୁ ସଂଯୋଗ କରୁଥିବା ପୋଲ ନିର୍ମାଣ କାମ ଗ୍ରାମ୍ୟ ଉନ୍ନୟନ ବିଭାଗ ନେଇଥିବାବେଳେ ପୋଲ ଅଧପନ୍ତରିଆ ପଡ଼ିଛି। ଏ ନେଇ ଗ୍ରାମ୍ୟ ନିର୍ମାଣ ବିଭାଜନର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ଠିକାଦାର କାମ ସମ୍ପୂର୍ଣ୍ଣ କରିବାରେ ବିଳମ୍ବ କରୁଛନ୍ତି। ତେଣୁ କାମ ବନ୍ଦ କରି ପୁଣି ଟେଣ୍ଡର ପ୍ରକ୍ରିୟା କରିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ସେ କହିଛନ୍ତି। ତେବେ ବିଭାଗର ଉପଯୁକ୍ତ ପରିଚାଳନାର ଅଭାବ ଏବଂ ଠିକାଦାରଙ୍କ ମନମୁଖୀ କାମରେ ଗ୍ରାମବାସୀ ଫସିଛନ୍ତି। ଏଭଳି ପରିସ୍ଥିତିରେ କେବେ ପୁଣି ଟେଣ୍ଡର ଏବଂ ଏବଂ କାମ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହେବ ତାହାର ସୂଚନା କାହା ନିକଟରେ ନାହିଁ।

# ନିଶାରେ ବିଷାକ୍ତ ନାଗ ସାପକୁ ଚୁମ୍ବନ

ପାପଡ଼ାହାଣ୍ଡି,୧୭(ଡି.ଏନ୍.ଏ.)



ମାଧବ ଗୌଡ

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜଟାବାଲ ପଞ୍ଚାୟତ ଅଧୀନ ଜାମ୍ବୁଗୁଡା ଛକରେ ଏକ ବିଷଧର ସାପକୁ ଧରି ତାହା ସହ ଖେଳିବା ଜଣେ ନିଶାଶକ୍ତ ଯୁବକଙ୍କୁ ମହଙ୍ଗା ପଡିଛି। ସାପ କାମୁଡାରେ ସେ ଗୁରୁତର ହେବାରୁ ଯୁବକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି।

ପାତ୍ରୀ ଗ୍ରାମର ମାଧବ ଗୌଡ଼ ଜାମ୍ବୁଗୁଡ଼ା ଶାଳ ଜଙ୍ଗଲରୁ ଏକ ନାଗ ସାପ ଧରି ଛକକୁ ଆସିଥିଲେ। ନିଶାଶକ୍ତ ଅବସ୍ଥାରେ ସାପକୁ ଚୁମ୍ବନ ପରେ ଚୁମ୍ବନ ଦେଉଥିଲେ। ରାସ୍ତା କଡ଼ରେ ଏପରି ଦୃଶ୍ୟ ଦେଖି ଯିବା ଆସିବା ଲୋକେ ଭିଡ଼ ଜମାଇଥିଲେ। ଏହାପରେ ନାଗ ସାପ ମାଧବ ଗୌଡ଼ଙ୍କ ଓଠ ଏବଂ ହାତକୁ ଚୋଟ ମାରିଥିଲା। ଏତେ ସବୁ ସତ୍ତ୍ୱେ ମାଧବ ସାପଟିକୁ ଛାଡିନ ଥିଲେ। କେତେଜଣ ଲୋକ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଦେଖି ପଇସା ଲୋଭ ଦେଖାଇବାରୁ ମାଧବ ସାପଟିକୁ

**ଦଂଶନରେ ଯୁବକ ଗୁରୁତର**

ଛାଡି ଦେଇଥିଲେ। ମାଧବଙ୍କୁ ଆମ୍ବୁଲାନ୍ସରେ ପାପଡାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେ ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ପରେ ମାଧବ ଏବେ ସୁସ୍ଥଥିବା ଜଣାପଡିଛି।

# ମଦଭାଟି ବନ୍ଦ ନ କଲେ ଆନ୍ଦୋଳନ ଚେତାବନୀ

ଚନ୍ଦାହାଣ୍ଡି, ୧୭(ଡି.ଏନ୍.ଏ.)

ମଦ ଜରି ବଳୟରେ ଚନ୍ଦାହାଣ୍ଡି ଅଞ୍ଚଳ। ଗାଁ ଜମିଗୁଡ଼ିକ ମଦ ଜରିର ଆବର୍ଜନାରେ ଭରି ରହିଛି। ଏଭଳି ଚିତ୍ର ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଦେଓବନ୍ଧରେ। ଉକ୍ତ ଅଞ୍ଚଳର ଛୋଟ ପିଲାଙ୍କଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଧୀରେ ଧୀରେ ଏବେ ନିଶା କବଳରେ। ତେଣୁ ଏହି ମଦଭାଟି ବନ୍ଦ ନ କଲେ ଆନ୍ଦୋଳନ ହେବ ବୋଲି ମହିଳାମାନେ କହିଛନ୍ତି।

ସରକାରଙ୍କ ଦ୍ୱାରା ଲାଇସେନ୍ସପ୍ରାପ୍ତ ଠିପିଖୋଲା ଦେଶୀ ମଦଦୋକାନ ସହ ବ୍ଲକର ୭ ପଞ୍ଚାୟତରେ ଦେଶୀ ମଦଦୋକାନ ରହିଛି। ଚନ୍ଦାହାଣ୍ଡି ସହରର ନୂତନ ପାନାବେଡ଼ା ହାଇସ୍କୁଲର ଅଳ୍ପ ଦୂରରେ ଏକ ବିଅର ବାର୍ ରହିଛି। ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଛାତ୍ରୀଛାତ୍ର ସ୍କୁଲକୁ ଆସୁଛନ୍ତି। ଏହାର କୁପ୍ରଭାବ ଛାତ୍ରୀଛାତ୍ରଙ୍କ ଉପରେ ପଡୁଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଉକ୍ତ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବଢ଼ିଚାଲିଛି। ମଦ୍ୟପମାନେ ମଦବୋତଲ ଓ ପ୍ୟାକେଟକୁ ଜମିରେ ପକାଇବାରୁ ଏହାର ଉର୍ବରତା ଉପରେ ପ୍ରଭାବ ପଡୁଛି। ବୋତଲ ଭାଙ୍ଗି ଜମିରେ ଏଣେତେଣେ ପଡୁଥିବାରୁ ଚାଷ ସମୟରେ ଶ୍ରମିକମାନେ ଆହତ ହେଉଛନ୍ତି। ଆଖପାଖ ଅଞ୍ଚଳରେ କୁଡ଼କୁଡ଼ ମଦ ଜରି ପଡୁଥିବାରୁ ଏହାର ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଏହି ଜରି ସବୁ ଉଡ଼ି ନାଳରେ ପଡ଼ିବାରୁ ତାହା ଭର୍ତ୍ତି ହୋଇ ଡ୍ରେନ୍ ପାଣି ରାସ୍ତାରେ ଭାସୁଛି। ବୁଲା ଗୋରୁଙ୍କ ପାଇଁ ମଧ୍ୟ ଏହା କାଳ ପାଲଟିଛି। ଜରି ଖାଇବାରୁ କେତେକ ଗୋରୁଙ୍କ ମୃତ୍ୟୁ ମଧ୍ୟ ହୋଇଥିବା ଗ୍ରାମବାସୀ କହିଛନ୍ତି। ଏନେଇ ସ୍ଥାନୀୟ ମହିଳାମାନେ ବିଗତ ଦିନରେ ଜିଲାପାଳଙ୍କୁ ମଦଭାଟି ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଯଦି ଚନ୍ଦାହାଣ୍ଡିର ମଦଭାଟି ବନ୍ଦ ସହ ଗାଁ ଗାଁରେ ଥିବା ବେଆଇନ ଛୋଟିଆ ମଦଦୋକାନ ବନ୍ଦ କରା ନ ଯାଏ ତା'ହେଲେ ଆଗାମୀ ଦିନରେ ଜୋର୍‌ଦାର ଆନ୍ଦୋଳନ କରାଯିବ। ଏହି ସମୟରେ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ସେଥିଲାଗି ଜିଲା ପ୍ରଶାସନ ଦାୟୀ ରହିବେ ବୋଲି ମହିଳାମାନେ କହିଛନ୍ତି। ତେଣୁ ମଦଭାଟି ବନ୍ଦ ସହିତ ଜରି ବ୍ୟବହାର ଉପରେ ପ୍ରଶାସନ କଡ଼ାକଡ଼ିଭାବେ ରୋକ ଲଗାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଏକ୍ସ-କ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ବିଇଓଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ରାୟଗଡ଼ା ଅଫିସ,୧୭

ରାୟଗଡ଼ା ବ୍ଲକ ଏକ୍ସ-କ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ରାୟଗଡ଼ା ବିଇଓ ଆନନ୍ଦ ଚନ୍ଦ୍ର ପାଢ଼ୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ଏକ୍ସ-କ୍ୟାଡର ସଂଘର ସଭାପତି ଅରବିନ୍ଦ ସେଠି, ସମ୍ପାଦକ ସନ୍ତୋଷ ଦାସଙ୍କ ନେତୃତ୍ୱରେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୃତ୍ୟୁଞ୍ଜୟ ପାଢ଼ୀ, ବନୋଜ ମହାପାତ୍ର, ମହେନ୍ଦ୍ର ବିଭାର, ରିପୁ ଖରା, ଗୁପ୍ତ ବିଷୋୟୀ, ସୁଧାକର ଚୌଧୁରୀ,



ନାଗେଶ୍ୱର ପୁରୁଷୋତ୍ତମଙ୍କ ସମେତ ବ୍ଲକର ଅନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ଆନନ୍ଦ ପାଢ଼ୀ ନିଜ ଚାକିରି ଜୀବନ ମଧ୍ୟରେ ନିଜର କାର୍ଯ୍ୟ ଦକ୍ଷତା ପ୍ରର୍ଦ୍ଦନ କରିଥିବାରୁ ଏକ୍ସ-କ୍ୟାଡର ସଂଘ ପକ୍ଷରୁ ତାଙ୍କୁ ପ୍ରଶଂସା କରାଯାଇଛି।

# ଉଦ୍‌ଘାଟନ ହେଲା ନବରଙ୍ଗପୁର ପ୍ରଥମ ସିନେପ୍ଲେକ୍ସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ନବରଙ୍ଗପୁର,୧୭(ବି.ପ୍ର.)

ନବରଙ୍ଗପୁର ଜିଲ୍ଲାର ପ୍ରଥମ ସିନେପ୍ଲେକ୍ସ ରଥଯାତ୍ରା ଅବସରରେ ଶୁକ୍ରବାର ଉଦ୍‌ଘାଟନ କରାଯାଇଛି। ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ମୁଖଅତଥି, ଏସ୍‌ପି ଏସ. ସୁଶ୍ରୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଉପଜିଲାପାଳ, ଆଇଟିଡିଏ ପିଏ ଅଭିମନ୍ୟୁ ମାଝି, ତହସିଲଦାର ରବୀନ୍ଦ୍ର କୁମାର ରାଉତ, ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ସୁରେଶ ବାବୁ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସିନେପ୍ଲେକ୍ସ ମାଲିକ ଦିବ୍ୟା ଭାରତୀ ସାବତ ସମସ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅନ୍ୟତମ ମାଲିକ ସାଇ ପ୍ରସାଦ ସାବତ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ବରିଷ୍ଠ ଅଧିବକ୍ତା ଉମାଶାଙ୍କର ତ୍ରିପାଠୀ, ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ବରିଷ୍ଠ ଅଧିବକ୍ତା ଝାଡେଶ୍ୱର ଖଡଙ୍ଗା ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଟେଲିଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ। ହଲର ପ୍ରଥମ ସ୍କ୍ରିନରେ ୨୫୦ ସିଟ୍ ଓ ଦ୍ୱିତୀୟ ସ୍କ୍ରିନରେ ମୋଟ ୫୨ ସିଟ ଅଛି । ଟିକେଟର ମୂଲ୍ୟ ୧୬୦ଟଙ୍କାରୁ ଆରମ୍ଭ ହୋଇ ୩୦୦ଟଙ୍କା ପର୍ଯ୍ୟନ୍ତ ରଖାଯାଇଛି ବୋଲି ହଲ ମାଲିକ ସାବତ ସୂଚନା ଦେଇଛନ୍ତି।

# ସର୍ଗିଫୁଲ ସଂଗ୍ରହ, ବିକ୍ରିରେ ଲାଗିଛନ୍ତି ଆଦିବାସୀ

ଡାବୁଗାଁ,୧୭ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ସଦର ମହକୁମାରୁ ୩୦ କି.ମି. ଦୂରରେ ରହିଛି ଡାବୁଗାଁ ବ୍ଲକ। ଡାବୁଗାଁ ବ୍ଲକ ବଣ ଜଙ୍ଗଲ ଘେରା ଆଦିବାସୀ ଅଞ୍ଚଳ। ସେଠାକାର ଅଧିବାସୀମାନେ ବଣ ଜଙ୍ଗଲ ଉପରେ ନିର୍ଭରକରି ଚଳିଥାନ୍ତି। ଋତୁ ଅନୁଯାୟୀ ଜଙ୍ଗଲରେ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ମିଳିଥାଏ। ଏବେ ସର୍ଗିଫୁଲ (ଶାଳଫୁଲ) ର ପସରା। ଏହି ଫୁଲ ଆଦିବାସୀଙ୍କୁ ଯୋଗାଇଛି ରୋଜଗାର। ସର୍ଗିଫୁଲର ମଞ୍ଜିରୁ ସାବୁନ, ତେଲ ଆଦି ତିଆରି ହେଉଥିବାରୁ ଏହାର ଚାହିଦା ବେଶ୍ ରହିଛି।

ରାତି ପାହିଲେ ମାଣ୍ଡିଆ ସହ ବସ୍ତା ଧରି ଘଞ୍ଚ ଜଙ୍ଗଲ ମଧ୍ୟକୁ ଚାଲିଯାଆନ୍ତି ଆଦିବାସୀ ମହିଳାମାନେ। ଜଙ୍ଗଲର ହିଂସ୍ରଜନ୍ତୁକୁ ଖାତିର ନ କରି ଦିନସାରା ସର୍ଗିଫୁଲ ସଂଗ୍ରହରେ ଲାଗି ପଡ଼ନ୍ତି। ସଂଗ୍ରହ କରିଥିବା ଫୁଲକୁ ସନ୍ଧ୍ୟାରେ ଘରକୁ ନେଇ ଫେରିଥାନ୍ତି।

ସେଗୁଡ଼ିକୁ ଏକତ୍ର କରି ଖରାରେ ଶୁଖାଇବା ପରେ ଫୁଲରୁ ପାଖୁଡ଼ା ଅଲଗାକରି ତାହାକୁ ବିକ୍ରି କରିଥାନ୍ତି।



ମହିଳାମାନେ ସର୍ଗିଫୁଲ ସଂଗ୍ରହ କରୁଛନ୍ତି।

**ଫୁଲରେ ତିଆରି**

ବର୍ତ୍ତମାନ ଶାଳମଞ୍ଜି କିଲୋ ପିଛା ସରକାରୀ ଦାମ ୧୮ରୁ ୨୦ ଟଙ୍କା ରହିଛି। ବଜାରରେ ୧୬ ରୁ ୧୮ ଟଙ୍କା ଦରରେ ବ୍ୟବସାୟୀମାନେ ଶାଳମଞ୍ଜି କ୍ରୟ କରୁଛନ୍ତି। ଏହାର ଚାହିଦା ମଧ୍ୟ ବହୁତ ରହିଛି । ତେବେ ଓଡ଼ିଶାରେ ଏହାର ଉପଯୁକ୍ତ ବଜାର ମୂଲ୍ୟ ମିଳି ପାରୁ ନ ଥିବା ବେଳେ ଓଡ଼ିଶା ବାହାରେ କିନ୍ତୁ ଭଲ ଦି ପଇସା ମିଳେ ବୋଲି ସଂଗ୍ରହକାରୀ କହିଛନ୍ତି। ଦିନ ସାରା ପରିଶ୍ରମ କରୁଛୁ ଆଉ ପରେ ଏହାକୁ ଶୁଖାଇ ବଜାରରେ ବିକ୍ରି କରୁଛୁ। ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସିଧାସଳଖ ମଞ୍ଜି ସଂଗ୍ରହକାରୀଙ୍କଠାରୁ କିଲୋ ପିଛା କୋଡ଼ିଏ ଟଙ୍କାରେ କିଣାଯାଉଛି ଓ ଡିବିଟି ମାଧ୍ୟମରେ ଆକାଉଣ୍ଟକୁ ଟଙ୍କା ଦିଆଯାଉଛି । ଏଣୁ ମଞ୍ଜି ସଂଗ୍ରହକାରୀ ତାଙ୍କ ଉପଯୁକ୍ତ ପ୍ରାପ୍ୟ ପାଉଛନ୍ତି। ସରକାରଙ୍କ ସହଯୋଗରେ ସର୍ଗିଫୁଲ ବିକ୍ରି କରାଇବାର ବ୍ୟବସ୍ଥା କଲେ ସଂଗ୍ରହକାରୀ ବେଶ୍ ଦି ପଇସା ପାଇବା ସହ ଉଚିତ ମୂଲ୍ୟ ପାଇପାରନ୍ତେ ବୋଲି ସର୍ଗିଫୁଲ ତୋଳାଳିମାନେ କହିଛନ୍ତି।

## ରଥଯାତ୍ରାରେ ଚିତ୍ରକଳା ପ୍ରଦର୍ଶନ ପ୍ରତିଯୋଗିତା

କୋରାପୁଟ,୧୭(ସ୍ୱ.ପ୍ର.)

ରଥଯାତ୍ରା ଅବସରରେ କୋରାପୁଟ ଆର୍ଟ ଗ୍ୟାଲେରିଠାରେ ଏକ ଚିତ୍ରକଳା ପ୍ରଦର୍ଶନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଅବଦଲ ଏମ୍. ଅଖତାର ଓ ଏସ୍‌ପି ବରୁଣ ଗୁଣ୍ଡପାଲି ଅତିଥିଭାବେ ଯୋଗ ଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ହୋଇଥିବା ଏହି ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। କୋରାପୁଟ ଜିଲ୍ଲାରେ ଥିବା ପ୍ରତିଭାମାନଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନକରି ଉତ୍ସାହିତ କରିବାକୁ ଏହି ପ୍ରତିଯୋଗିତା ହୋଇଥିଲା। ଜୁଲାଇ ୬ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲିବ। ଶେଷ ଦିବସରେ ଭଲ ଚିତ୍ରକଳା ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା କହିଛନ୍ତି।

# ୪୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ଜଣେ ଗିରଫ

ମୁନିଗୁଡ଼ା,୧୭(ଡି.ଏନ୍.ଏ.)–

କୋରାପୁଟ ଜିଲା ନନ୍ଦପୁରରୁ ଭଦ୍ରକ ଗଞ୍ଜେଇ ଚାଲାଣବେଳେ ରାୟଗଡ଼ା ଜିଲା ମୁନିଗୁଡ଼ା ପୋଲିସ ସ୍ଥାନୀୟ ଓପନ୍ ଜିମ୍ ରାସ୍ତାରୁ ୪୮୦ କେଜି ଗଞ୍ଜେଇ ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ଭଦ୍ରକ ଅଞ୍ଚଳର ଗଜେନ୍ଦ୍ର ସିଂ।

ସୂଚନା ଅନୁଯାୟୀ, ଗଞ୍ଜେଇ ଚାଲାଣ ହେଉଥିବା ସୂଚନା ପାଇ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁ, ଥାନା ଆଇଆଇସି ସୁଜ୍ଞାନୀ ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଓପନ୍ ଜିମ୍ ନିକଟ ରାସ୍ତାରେ ଯାନବାହନ ଯାଞ୍ଚ ଚଳାଇଥିଲା। ଏହି ସମୟରେ ଦ୍ରୁତଗତିରେ ଚାଲିଯାଉଥିବା ଏକ ଟ୍ରକ୍‌କୁ ପୋଲିସ ଅଟକାଇଥିଲା। ଯାଞ୍ଚବେଳେ ସେଥିରୁ ଗଞ୍ଜେଇ ବାହାରିଥିଲା।



ପୋଲିସ ଟ୍ରକ୍ ଏବଂ ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୪୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଏନେଇ ମୁନିଗୁଡ଼ା ଥାନାରେ ୧୩୯ / ୨୨ ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ଉଠା ଜଳସେଚନ ବିଭାଗରେ ଦୁର୍ନୀତି ଅଭିଯୋଗ ଆଣିଲେ ଚାଷୀ

ଦଶମନ୍ତପୁର,୧୭ (ଡି.ଏନ୍.ଏ.)

ଅନାବଶ୍ୟକ ସ୍ଥାନରେ କୋଟି କୋଟି ଟଙ୍କା ବ୍ୟୟ କରି ଉଠାଜଳସେଚନ ବିଭାଗ ପ୍ରକଳ୍ପ ନିର୍ମାଣ କରୁଛି। ନିମ୍ନମାନର କାମକରି ସମ୍ପୃକ୍ତ ଯନ୍ତ୍ରୀ ଓ ଠିକାଦାର ଅର୍ଥ ଆତ୍ମସାତ୍ କରୁଛନ୍ତି। ମାତ୍ର ଚାଷକରି ପରିବାର ପ୍ରତିପୋଷଣ କରିଆସୁଥିବା ଚାଷୀମାନଙ୍କ ଜମିରେ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉନାହିଁ । ଚାଷୀମାନେ ଭାର ବୁହା ପାଣିରେ ବର୍ଷ ବର୍ଷ ଧରି ପନିପରିବା ଚାଷ କରି ଜୀବିକା ନିର୍ବାହ କରୁଛନ୍ତି। ଏହାର ଏକ ଉଦାହରଣ ହେଉଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ନନ୍ଦୀଗାଁ ପଞ୍ଚାୟତ ସଦର ମହକୁମାରେ। ନନ୍ଦୀଗାଁ ଗ୍ରାମର ପ୍ରତ୍ୟେକ ପରିବାରର ମୁଖ୍ୟ ଜୀବିକା ହେଉଛି ଚାଷ। ସରକାର ଚାଷୀମାନଙ୍କ ପାଇଁ ଅନେକ ଯୋଜନା କରିଛନ୍ତି ସତ, କିନ୍ତୁ ବାସ୍ତବ ଚିତ୍ର ଅଲଗା ବୋଲି ମତ ଦେଇଛନ୍ତି ଚାଷୀ ସଦନ ଗାଦବା, କୁମଲୋଚନ ମାଳି, ରବି ଗାଦବା, ମଙ୍ଗଳା ପରଜା। ସେମାନେ କହିଛନ୍ତି, ଦଶମନ୍ତପୁର ଗ୍ରାମ, ବାଣୁଆଗୁଡ଼ା, ବଦଲିକୁଡୁମା, ବାଘଛେମା, ଗିର୍ଲିଗୁମା, ଲୁଲ୍ଲା, ଡୁମ୍ବାଗୁଡ଼ା, ପରଜା ବେଡ଼ାପଦର, ମୁଜାଙ୍ଗ ଭଳି ୧୬ଟି ପଞ୍ଚାୟତର ଚାଷୀମାନେ ଉଠାଜଳସେଚନ ଉପରେ ନିର୍ଭର କରନ୍ତି। ଅଣ ଜଳସେଚନ ଜମିରେ ଜଳସେଚନ ପ୍ରକଳ୍ପ ନିର୍ମାଣ କରି ଚାଷୀଙ୍କ ଜମକୁ ଜଳ ଯୋଗାଇଦେବାକୁ ସରକାର ଉଠାଜଳସେଚନ ବିଭାଗକୁ ଦାୟିତ୍ୱ ଦେଇଛନ୍ତି। ତେବେ ବ୍ଲକ ଓ ଜିଲା ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଆମେ ଉପକୃତ ହୋଇପାରୁନାହୁଁ। ଯେଉଁଠାରେ ନୀଳଗିରି ଗଛ ଲଗାଯାଇଛି ସେଭଳି ସ୍ଥାନରେ ଚାଷୀଙ୍କ ଅଜାଣତରେ କୋଟି କୋଟି ଟଙ୍କାର ପ୍ରକଳ୍ପ ନିର୍ମାଣକରି ଅର୍ଥ ଆତ୍ମସାତ୍ କରାଯାଉଛି। ଚାଷ ପାଇଁ ଜଳ ଯୋଗାଇଦେବାକୁ ବ୍ଲକଠାରୁ ଆରମ୍ଭକରି ଜିଲା ଜଳସେଚନ ବିଭାଗକୁ ଜଣାଇ ଏଯାଏ କିଛି ସୁଫଳ ମିଳିନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ ହେବା ଦରକାର ବୋଲି ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସେ ଦେଖିବେ ବୋଲି କହିଥିଲେ।

# ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ନେଇ ୫ ସାନ୍ତାଳୀ ଗ୍ରାମ ଉତ୍ସବମୁଖର

### ଆମ ସାନ୍ତାଳୀ ଆଦିବାସୀ ସମ୍ପ୍ରଦାୟ ଭାଗ୍ୟବାନ୍



ଆମ ସାନ୍ତାଳୀ ଆଦିବାସୀ ସମ୍ପ୍ରଦାୟ ଭାଗ୍ୟବାନ୍ । ଆମ ଜାତି ଦେଶର ବିଭିନ୍ନ ସ୍ଥାନରେ ରହୁଥିଲେ ମଧ୍ୟ ଓଡ଼ିଶାରେ ବହୁଳ ଭାବେ ବସବାସ କରୁଛନ୍ତି। ଆମ ସମ୍ପ୍ରଦାୟର ମହିଳା ଭାରତର ରାଷ୍ଟ୍ରପତି ହେବାକୁ ଯାଉଛନ୍ତି। ଏହା ଜାଣିଲା ପରେ ଆମେମାନେ ବହୁତ ଖୁସି। ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେଲେ ଭାରତର ଅଖଣ୍ଡତା, ଶାନ୍ତି ଏବଂ ଆଦିବାସୀଙ୍କ ବିକାଶରେ ନିଜକୁ ନିୟୋଜିତ କରିବେ ବୋଲି ଆମର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି।

**–ବାବୁଲୁ ମୁର୍ମୁ, ସାନ୍ତାଳୀ ସମାଜ ସଭାପତି**

### ଆମକୁ ଏହା ସ୍ୱପ୍ନ ପରି ଲାଗୁଛି



ଆମେ କେହି ସ୍ୱପ୍ନରେ ମଧ୍ୟ ଭାବି ନ ଥିଲୁ ଦିନେ ଆମ ଆଦିବାସୀ ସାନ୍ତାଳି ସମ୍ପ୍ରଦାୟର ଜଣେ ମହିଳା ରାଷ୍ଟ୍ରପତି ହେବେ । ଆମକୁ ଏହା ସ୍ୱପ୍ନ ପରି ଲାଗୁଛି। ଆମର ଜଣେ ଭଉଣୀ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି। ଏଥିପାଇଁ ଆମେ ତାଙ୍କର ମଙ୍ଗଳ କାମନା କରି ପୂଜାର୍ଚ୍ଚନା କରୁଛୁ। ସେ ରାଷ୍ଟ୍ରପତି ହେବା ପରେ ମାଲକାନଗିରି ଜିଲାକୁ ଆସିବାକୁ ତାଙ୍କୁ ନିମନ୍ତ୍ରଣ କରିବୁ।

**– ନିର୍ମଳା ହାଁସଦା, ପୂର୍ବତନ ସରପଞ୍ଚ, ସିଆଡ଼ିମାଳ**

### ପ୍ରତ୍ୟେକ ଦେବଦେବୀଙ୍କୁ ପୂଜା କରୁଛି



ମୁଁ ଯେତେବେଳେ ଜାଣିବାକୁ ପାଇଲି ସାନ୍ତାଳୀ ଆଦିବାସୀ ମହିଳା ଭାରତର ରାଷ୍ଟ୍ରପତି ହେବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ସେହିଦିନଠାରୁ ମୁଁ ପୂଜକ ହିସାବରେ ପ୍ରତ୍ୟେକ ଦେବଦେବୀ, ଗୀର୍ଜା ଏବଂ ଆଲ୍ଲାଙ୍କୁ ମନେପକାଇ ପୂଜାର୍ଚ୍ଚନା କରି ଆସୁଛି। ସେ ନିଶ୍ଚିତ ବିଜୟୀ ହେବେ। ଭାରତର ନାଁ ରଖିବା ସହ ଆଦିବାସୀ ସାନ୍ତାଳଙ୍କ ବିକାଶ ଦିଗରେ ଗୁରୁତ୍ୱ ଦେବେ।

**– ମୁନା ମୁର୍ମୁ, ସାନ୍ତାଳୀ ପୂଜକ**

ମାଲକାନଗିରି,୧୭ (ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ୧୫୦ରୁ ଊର୍ଦ୍ଧ୍ୱ ବେଙ୍ଗଲି ଗ୍ରାମ ଏବଂ ୫ଟି ସାନ୍ତାଳୀ ଆଦିବାସୀ ସମ୍ପ୍ରଦାୟର ଗ୍ରାମ ରହିଛି। ସଦର ମହକୁମାଠାରୁ ମାତ୍ର ୫ କି.ମି. ଦୂରରେ ଏମ୍‌ଭି-୨, ଏମ୍‌ଭି-୩, ଏମ୍‌ଭି-୪, ଏମ୍‌ଭି-୫ ଏବଂ ଏମ୍‌ଭି-୬ ଆଦି ସାନ୍ତାଳୀ ଗ୍ରାମରେ ୬ ଶହରୁ ଊର୍ଦ୍ଧ୍ୱ ସାନ୍ତାଳ ଆଦିବାସୀ ପରିବାର ଦୀର୍ଘ ବର୍ଷ ଧରି ବସବାସ କରି ଆସୁଛନ୍ତି। ଏମାନେ ବର୍ଷରେ ୪ଟି ପୂଜା କରିଥାନ୍ତି। ବର୍ଷାଦିନ ଆରମ୍ଭରେ ଭୂମିପୂଜା, ଧାନକଟା ସମୟରେ ପୂଜା, ବସନ୍ତଋତୁରେ ଜଙ୍ଗଲର ଅଭିବୃଦ୍ଧି ଓ ପରିବେଶ ସୁରକ୍ଷା ପାଇଁ ପୂଜା ଏବଂ ଡାଲିଜାତୀୟ ଶସ୍ୟ ଓ ଫଳଚାଷ ପରେ ପୂଜା କରିଥାନ୍ତି। ଦେଶ ପରାଧୀନ ସମୟରେ ସାନ୍ତାଳ ସମ୍ପ୍ରଦାୟର ସିଦ୍ଧୁ କାହ୍ନୁହୁଲୁ ମାହାଁ ନାମକ ସଂଗ୍ରାମୀ ସାନ୍ତାଳୀଙ୍କୁ ଏକଜୁଟ କରି ଇଂରେଜଙ୍କ ସହ ଯୁଦ୍ଧକରି ପ୍ରାଣବଳି ଦେଇଥିଲେ। ଗୁରୁବାର ଥିଲା ତାଙ୍କ ବଳିଦାନ ଦିବସ। ଏହାକୁ ଉପରୋକ୍ତ ୫ ଗ୍ରାମର ମହିଳା ପୁରୁଷ, ଗ୍ରାମ ମୁଖିଆ ମିଶି ପାଳନ କରିଛନ୍ତି। ସାନ୍ତାଳ ସମ୍ପ୍ରଦାୟର ଦ୍ରୌପଦୀ ମୁର୍ମୁ ଦେଶର ରାଷ୍ଟ୍ରପ୍ରତି ପ୍ରାର୍ଥୀ ହୋଇଥିବା ଜାଣି ଏହି ଅବସରରେ ୧ ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଜଙ୍ଗଲରେ ନିଜ ଇଷ୍ଟ ଦେବଦେବୀଙ୍କ ନିକଟରେ ପୂଜାର୍ଚ୍ଚନାକରି ଦ୍ରୌପଦୀଙ୍କ ବିଜୟ କାମନା କରିଛନ୍ତି। ପରେ ଗ୍ରାମ ଖେଳ ପଡ଼ିଆରେ ସାନ୍ତାଳ ସମ୍ପ୍ରଦାୟର ପାରମ୍ପରିକ ପୋଷାକ ପିନ୍ଧି ନାଚଗୀତରେ ଗ୍ରାମଟି ଆନନ୍ଦ ମୁଖର ହୋଇଉଠିଛି।

### ଦେଶ ପାଇଁ ଗୌରବ



ଆଜି ଆମ ୫ଟି ଗ୍ରାମର ସାନ୍ତାଳୀ ଭଉଣୀଭାଇମାନେ ଏକାଠି ହୋଇ ରାଷ୍ଟ୍ରପତି ପ୍ରାର୍ଥିନୀ ଦ୍ରୌପଦୀ ମୁର୍ମୁଙ୍କ ପାଇଁ ପ୍ରାର୍ଥନା କରିଛୁ। ଜଣେ ଆଦିବାସୀ ମହିଳା ରାଷ୍ଟ୍ରପତି ହେବା ଦେଶ ପାଇଁ ଗୌରବ। ସେ ନିଶ୍ଚିତ ଭାବେ ଜିତିବେ। ଆଦିବାସୀଙ୍କ ଶିକ୍ଷା ଓ ସର୍ବାଙ୍ଗୀନ ଉନ୍ନତିରେ ସହଯୋଗ କରିବେ।

**– ବାସନ୍ତୀ ହାଁସଦା, ଛାତ୍ରୀ**

